ଏକାଙ୍କିକା

IN2HXH

# ସୁନା ନେଉଳ

● ମଙ୍ଗୁଲୁ ଚରଣ ବିଶ୍ୱାଳ

**ଲେଖକ ପରିଚୟ :**

ଶ୍ରୀ ମଙ୍ଗୁଲୁ ଚରଣ ବିଶ୍ୱାଳ (୧୯୩୬) ଓଡ଼ିଆ ନାଟ୍ୟ ସାହିତ୍ୟର ଏକ ସୁପରିଚିତ ନାମ । ତାଙ୍କର ଜନ୍ମ ସମ୍ବଲପୁର ଜିଲ୍ଲାର ପିତାପାଲି ଗାଁରେ । ଏହି ସାରସ୍ୱତ ସାଧକଜଣକ କବିତା, ଗଳ୍ପ, ଏକାଙ୍କିକା, ଶିଶୁ ସାହିତ୍ୟ ଆଦି ପ୍ରତ୍ୟେକ ବିଭାଗର ଜଣେ ଦକ୍ଷ ଚିତ୍ରଶିଳ୍ପୀ । କୋଶଲୀ ଭାଷାରେ ଲିଖିତ ତାଙ୍କର ସଫଳ ସୃଷ୍ଟି 'ଭୁଖା' ନାଟକ ଚଳଚ୍ଚିତ୍ର ରୂପେ ପ୍ରଦର୍ଶିତ ହୋଇସାରିଛି । ସାଂସ୍କୃତିକ ସଦ୍‌ଭାବନା, ମାନବୀୟ ମୂଲ୍ୟବୋଧ ଓ ନୈତିକ ଜୀବନାଦର୍ଶ ତାଙ୍କ ରଚନାର ବିଶେଷତ୍ୱ ।

'ସୁନା ନେଉଳ' ଏକାଙ୍କିକାରେ ନିଃସ୍ୱାର୍ଥ ଦାନର ମହତ୍ତ୍ୱ ଏବଂ ଦାତାଙ୍କର ମହନୀୟତା ପ୍ରତିଫଳିତ ହୋଇଛି ।

## ପ୍ରଥମଦୃଶ୍ୟ

**ବ୍ରାହ୍ମଣ** : ଓଃ ଭଗବାନ୍ ! ତୁମରି ଦୟା ! !

ବ୍ରାହ୍ମଣୀ : କି ଗୋ କ'ଣ କିଛି ପାଇଲ ?

ବ୍ରାହ୍ମଣ : କ'ଣ ପାଇବି, ସନାବୋଉ ? ରାଇଜ ସାରା ସେଇ ଦଶା !

ବ୍ରାହ୍ମଣୀ : କାହାଠୁ କିଛି ହେଲେ ଆଣିଥା'ନ୍ତ !

ବ୍ରାହ୍ମଣ : କାହାଠୁ ଆଣିବି କହିଲ ! କାହା ପାଖରେ ବା କ'ଣ ଅଛି ? ଖୁଦ ଦାନାଟିଏ ବି ଦୁର୍ଲଭ । ଏଇ ଦୁଷ୍କାଳରେ କିଏ ବା କ'ଣ ଦେବ ? ଯେଉଁଠି ଦେଖିବ ଦୁର୍ଭିକ୍ଷର କରାଳଛାୟା ରାହୁ ଭଳି ଗ୍ରାସିଛି ।

ବ୍ରାହ୍ମଣୀ : ସନାର କ'ଣ ହବ, ଶୁଣେ ?

ବ୍ରାହ୍ମଣ : କ'ଣ କରିବି, କହିଲ ? ସକାଳ ପହରଠାରୁ ତ ଘରୁ ବାହାରିଛି । ଜନପଦ ପରେ ଜନପଦ – ସହର ବଜାର ଯେଉଁଠି ଯାହାକୁ ଦେଖିଛି ହାତ ପାତିଛି – ହେଲେ ସବୁଠି କେବଳ ଗୋଟିଏ କଥା – ନା – ଭାଇ ଆଗକୁ ଯାଅ ।

ସନା : ବୋଉ, ବୋଉ – ମୋ ତଣ୍ଟି ଶୁଖିଯାଉଛି ବୋଉ – ମୋତେ ଟିକିଏ ପାଣି ଦେ–

ବ୍ରାହ୍ମଣୀ : ଦଉଛି ବାପ – ଦଉଛି ଧନ ମୋର–ରଙ୍କୁଣୀରତନ ମୋର – ମୁଁ ମରିଯାଏଁ ରେ ଧନ – ନ ମରି ଯାହା ଏ ଦଶା ଦେଖୁଛି... ପିଇ ଦେ ବାପ – ପିଇ ଦେ ।

ସନା : (ଢକଢକ ପାଣି ପିଇବା ଶବ୍ଦ) ଉଃ ଉଃ ବୋଉ ! ବୋଉ ! ବୋଉ !

ବ୍ରାହ୍ମଣୀ : ସନାରେ, ବାପ କିମିତି ଲାଗୁଛିରେ – କହୁନୁ । କି ଗୋ ଶୁଣିବଟି ପିଲାଟି କିମିତି ଆଖି କରୁଛି । ଇଲୋ – ବୋଉ ଲୋ – ମୁଁ କେଉଁଠିକି ଯିବି – କିସ କରିବି ? ଦେଖୁନ ଟିକିଏ ଦେଖୁନ ଭଲା !

ବ୍ରାହ୍ମଣ : କ'ଣ ଦେଖିବି ସନାବୋଉ ? ଭୋକରେ ପିଲାଟି ଛଟପଟ ହଉଛି, ତୁଚ୍ଛା ପାଣି ମନ୍ଦାକ କି ଭୋକ ମାରିପାରିବ ?

ବ୍ରାହ୍ମଣୀ : ଦେଖୁନ – ପିଲାଟି କିମିତି କାଉଳିବାଉଳି ହଉଛି ?

ବ୍ରାହ୍ମଣ : ଦେଖି କ'ଣ କରିବି ଶୁଣେ ? ବହୁତ ଦେଖିଲିଣି । ଏ ହସ୍ତିନାର ପୁରପଲ୍ଲୀ, ସହର ବଜାର ସବୁ ମଶାଣି ହେବାକୁ ବସିଲାଣି । ଖାଇବାକୁ ନ ପାଇ ପଲପଲ ମରୁଛନ୍ତି । ବାପ ଆଗରେ ପୁଅ ଭୂଇଁରେ ଲୋଟି ପଡୁଛି – ମାଆ କୋଳରୁ ତା'ର ଅତି ଆଦରର ସନ୍ତାନ ଅକାଳରେ ଆଖି ବୁଜିଦଉଚି । ଆମେ ତ ଟିକିଏ ଭଲରେ ଅଛୁ ସନାବୋଉ ।

ବ୍ରାହ୍ମଣୀ : କି ନିଆଁ ଭଲରେ ଅଛେ, ଶୁଣେ ? ତିନି ଦିନ ହେଲା କଅଁଳିଆ ପିଲାଟା – ପାଟିରେ ପେଜ ପୋଷେ ପଡ଼ି ନାହିଁ । ଆମେ ସିନା କଷ୍ଟେମଷ୍ଟେ ସହିଯିବା । ହେଲେ ବାଳୁତ ପିଲାଟି କ'ଣ ସହିପାରିବ ?

ବ୍ରାହ୍ମଣ : ମୁଁ ବୁଝିପାରୁଛି ସନାବୋଉ – ମୁଁ ବେଶ୍ ବୁଝିପାରୁଛି । ହେଲେ କ'ଣ କରିବି ? ମୁଁ ନିରୁପାୟ !

ବ୍ରାହ୍ମଣୀ : ଏମିତି କହିକହି ତ ତିନିଦିନ ହେଲା ପେଟରେ ଓଦା କନା ଦେଇ ରହିଲେଣି ।

ବ୍ରାହ୍ମଣ : କ'ଣ କରିବା ଶୁଣେ ? ସଭିଙ୍କର ତ ଆମ ଭଳି ଦଶା । ଏ ଦୁର୍ଦ୍ଦିନରେ ଏ ଗରିବ ବ୍ରାହ୍ମଣକୁ କିଏ ବା ଭିକ୍ଷା ଦେବ ?

ବ୍ରାହ୍ମଣୀ : ତେବେ ପିଲାଟି କ'ଣ ଆମ ଆଗରେ ଭୋକଉପାସରେ ଏମିତି... ?

ବ୍ରାହ୍ମଣ : ନା ନା, ସନାବୋଉ – ସେ କଥା କହନା – ଆମ ସନାର କିଛି ହବନି । ଭଗବାନ୍ ଅଛନ୍ତି । ଯିଏ ଦେଇଛନ୍ତି ସିଏ ବୁଝିବେ ।

ବ୍ରାହ୍ମଣୀ : ଚୁଲିକି ଯାଉ ତମର ସେ ଭଗବାନ୍ । ସେଦିନ ସାରା ଘର ଅଣ୍ଡାଳି ପୋଷେ ଖୁଦ ପାଇଥିଲି । ଭୋକିଲା ପିଲାଟି ମୁହଁରେ ପୋଷେ ଯାଉ ପଡ଼ିବ ବୋଲି । ହେଲେ ତୁମେ କ'ଣ ତାହା କରେଇ ଦେଲ ? କଉଠୁ ନିଉଛୁଣା ଭିକାରିଟା ଅଇଲା ଯେ – ତାକୁ ତ ସବୁ... ।

ବ୍ରାହ୍ମଣ : ଛି ଛି, ସେମିତି କ'ଣ କହୁଛୁ ସନାବୋଉ । ସେ ଆମର ଅତିଥି । ପରମ ଅତିଥି – ସେବା ଆମର କର୍ତ୍ତବ୍ୟ ।

ବ୍ରାହ୍ମଣୀ : ହେଲେ ନିଜେ ଭଲ ଥିଲେ ଦୁନିଆ ଭଲ । ନିଜ ପୁଅକୁ ଯମ ମୁହଁକୁ ଠେଲିଦେଇ ଅତିଥି ସେବା କରି କ'ଣ ହେବ ଆମର, ଶୁଣେ ?

ବ୍ରାହ୍ମଣ : ଅତିଥି ସେବାରୁ କ'ଣ ହେବ ଆମର ? ସେ କଥା ସେଇ ବିଶ୍ୱନିୟନ୍ତା ବୁଝିବେ ସନାବୋଉ ।

ବ୍ରାହ୍ମଣୀ : ତୁମେ ଯଦି ମା ହୋଇଥା'ନ୍ତ – ବୁଝନ୍ତେ... ମା' ମନର ଦୁଃଖ – ତା' ଅନ୍ତରର କୋହ । ପିଲାଟି କିମିତି ବିକଳରେ ଅନେଇଛି... ତାକୁ ଦେଖିଲେ ମୋ ଛାତି ଭିତରଟା ଫାଟିପଡୁଛି ।

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT OBS

ବ୍ରାହ୍ମଣ : ମୁଁ କ'ଣ ବୁଝୁନି ସନାବୋଉ ? ବୁଝୁଛି – ସବୁ ବୁଝୁଛି । ଦଶ ମାସ ଗର୍ଭରେ ଧରି ମୁଁ ସନାକୁ ଜନ୍ମ କରି ନାହିଁ ସତ, ହେଲେ ମୁଁ ତା'ର ବାପ । ମୋରି ରକ୍ତରେ ସେ ଗଢ଼ା । ସେ ମୋର ପ୍ରାଣ ।

ବ୍ରାହ୍ମଣୀ : ତେବେ କିଛି ଉପାୟ କର – ପିଲାଟି ଏମିତି କ'ଣ ଭୋକରେ ପଡ଼ିଥିବ ?

ବ୍ରାହ୍ମଣ : କ'ଣ କରିବି କହିଲ ? ତିନି ଦିନ ହେଲା ବୁଲିବୁଲି ଦିନରାତି ସମାନ କରି ଦେଇଛି । ହେଲେ ଦେଖୁଛ ତ ହାତରେ ଖୁଦ ଦାନାଟିଏ ଧରି ଲେଉଟିଛି ?

ବ୍ରାହ୍ମଣୀ : କେଉଁଠି କିଏ ଅତିଥି ମାଗିଲେ ସବୁତକ ଦେଇ ବାହୁଡ଼ି ଆସିବ । ମୁଁ କ'ଣ ତମକୁ ଚିହ୍ନିନି ? ତମେ ତ ସେଇ ଲୋକ । ପର ପାଇଁ ଯେତିକି ଭାବୁଛ – ନିଜ ପାଇଁ – ନିଜ ପରିବାର ପାଇଁ କ'ଣ ତୁମର ସେ ଦୟା ଅଛି ? ନିଦା ପଥରଟାଏ ତୁମେ ।

ବ୍ରାହ୍ମଣ : କ'ଣ କହି ତୁମକୁ ବୁଝେଇବି ସନାବୋଉ । ତମେ ସେଦିନ ପଣ କରିଥିଲ ନା – ପର ପାଇଁ ତୁମେ ନିଜର ଅତି ପ୍ରିୟ ବସ୍ତୁ ବି ତ୍ୟାଗ କରିପାରିବ ?

ବ୍ରାହ୍ମଣୀ : ପଣ କରିଥିଲି, ତା' ବୋଲି ନିଜ ପିଲାକୁ ନିଜ ଆଖି ଆଗରେ ମାରିଦେବି ? ତମେ ମରଦ ପୁଅ, ସବୁ ସହିପାରିବ । ହେଲେ, ମୁଁ ମାଆ । ମୋ ଭିତରଟା ତମେ କାହିଁକି ଦେଖିପାରୁନ ?

ବ୍ରାହ୍ମଣ : ଖୁବ୍ ଭଲ ଭାବରେ ଦେଖିପାରୁଛି ସନାବୋଉ – ଖୁବ୍ ଭଲ ଭାବରେ ଦେଖିପାରୁଛି । ହେଲେ ଆମରି ସନା ଭଳି ଶହଶହ ଶିଶୁ ମରୁଥିବା ବେଳେ ମୁଁ କ'ଣ କେବଳ ଆମରି ସନା ପାଇଁ ଭାବିବା ଠିକ୍ ହେବ ? ଯଉଠୁ କିଛି ପାଇ ଫେରୁଛି – ଦେଖିଛି – ବାଟରେ କୁନିକୁନି ହାତ ବଢ଼ାଇ ଶତଶତ ବାଳୁତ ଛୁଆ ପାଟିକରି ମାଗୁଛନ୍ତି – ବାବା ଆମକୁ ଦିଅ – ଆମେ ମରିଗଲୁ । ଦେଖୁନ – ହସ୍ତିନାଟା କିମିତି ମଶାଣି ହେବାକୁ ବସିଲାଣି ।

ବ୍ରାହ୍ମଣୀ : ଚାଲ, ସେଇ ପାଖ ବିଲରୁ କିଛି ଶସ୍ୟ ଦାନା ଗୋଟାଇ ଆଣିବା । ପେଜ ପୋଷେ ରାନ୍ଧିଦେଲେ ପିଲାଟି ପାଟିରେ ଦବ ।

ବ୍ରାହ୍ମଣ : ହଉ ଚାଲ – ଈଶ୍ୱର ଯାହା କରିବେ ।

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS Odisha Board and NCERT All Books With Solutions OBS

## ଦ୍ୱିତୀୟଦୃଶ୍ୟ

ସନା : ବୋଉ ! ଆଉ କେତେବେଳେ ଖାଇବାକୁ ଦେବୁ, ବୋଉ । ମୋ ପେଟ ଜଳିଯାଉଛି, ବୋଉ । ମୁଁ ଆଉ... ମୁଁ ଆଉ ଉଠିପାରୁନି ବାପା ।

ବ୍ରାହ୍ମଣ : ହଁ ରେ ପୁଅ – ଉଠିବୁ-ଉଠିବୁ-ନିଶ୍ଚୟ ଉଠିବୁ । ଏଇ ଯେ ବୋଉ ଭାତ ରାନ୍ଧିଦଉଛି । ବେଶ୍, ବସି ଖାଇବୁ ।

ସନା : ବୋଉ, ମୋ' ପାଇଁ କ'ଣ ଭାତ ରାନ୍ଧିଦଉଛୁ ?

ବ୍ରାହ୍ମଣୀ : ହଁ, ବାପ – ଏଇ ଯେ ଓହ୍ଲାଇଦେଲିଣି । ଗରମ ଅଛି ଥଣ୍ଡା ହେଇଯାଉ । ତୋତେ କୋଳରେ ବସେଇ ଖୁଆଇ ଦେବିରେ ସନା ।

ସନା : ଏମିତି ତ ସବୁ ଦିନ କହୁଛୁ ବୋଉ – ହେଲେ କାହିଁ କିଛି ତ ଖାଇବାକୁ ଦଉନୁ ?

ବ୍ରାହ୍ମଣୀ : ଦେବିରେ ବାପ – ଦେବି । ଥୟ ଧର । ଆଜି ତୋ ବୋଉ ତୋତେ ଠକିବନିରେ – ନିଶ୍ଚୟ ଖୁଆଇଦେବିରେ ଧନ ।

ଭିକାରି : ଓଃ ହୋଃ – ଏଇତ ସେଇ ଘର– ଏଇତ ସେଇ ଘର । ବ୍ରାହ୍ମଣ ଗୋସେଇଁ ଆଜ୍ଞା ! ଘରେ ନାହାନ୍ତି କି ? ସାନ୍ତାଣି ମାଆ – ମୁଁ ମଲି – ମୁଁ ମଲି – ମୋର ପାଦ ଆଉ ଚଳୁନି । ଇଲୋ ମା– ବଉଲୋ – ମୋର ତଣ୍ଟି ଶୁଖିଯାଉଛି – ମୋର ହଂସା ଉଡ଼ିଯାଉଛି – ଊଃ – ଊଃ– ଊଃ ।

ବ୍ରାହ୍ମଣ : କିଏ ବାବା ? କୋଉଠୁ ଆସିଲ ? ବସ, ବସ ମୁଁ ଏଇ ପାଣି ଆଣି ଦଉଛି । ହାତଗୋଡ଼ ଧୋଇବ ।

ଭିକାରି : ହଁ, ବାବୁ – ପାଣି,ପାଣି –ଦିଅନ୍ତୁ । ପହିଲେ ପାଣି.... ଓଃ କି କଷ୍ଟ ! ପେଟ ଜଳିପୋଡ଼ି ଯାଉଛି ।

ବ୍ରାହ୍ମଣ : ଏଇ ପାଣି ନିଅନ୍ତୁ, ବାବା–

ଭିକାରି : (ଢକ–ଢକ–ଢକ) ବାଃ, ବାଃ, ଟିକିଏ ଆରାମ ଲାଗିଲା, ତଣ୍ଟିଟା ଏକବାରେ ଶୁଖିଯାଉଥିଲା ।

ବ୍ରାହ୍ମଣୀ : ପୁଣି କିଏ ନିଉଛୁଣା ଜୁଟିଲାଣି !

ବ୍ରାହ୍ମଣ : ଚୁପ୍‌କର ଭଲା– ଶୁଣିଲେ କ'ଣ ଭାବିବ ଲୋକଟା । ସେ ପରା ଆମର ଅତିଥି !

ବ୍ରାହ୍ମଣୀ : ଚୁଲିକି ଯାଉ ତୁମର ଅତିଥି । ମୁଁ ଆଜି କାହାକୁ ଦେବିନି କିଛି । ଏଇ ରନ୍ଧା ଭାତରୁ ପହିଲେ ପୁଅ ଖାଉ, ତା'ପରେ ଯାହା କିଛି ।

ବ୍ରାହ୍ମଣ : ଆସ ଆସ, ସନାବୋଉ ଦେଖିବ – ତମର ଅତିଥିର ଅବସ୍ଥା ।

ବ୍ରାହ୍ମଣୀ : ଇ ମା ମୁଁ ଦେଖିପାରୁନି ! ମୋର ମୁଣ୍ଡ କ'ଣ ହେଇଯାଉଛି ! କି କାଙ୍ଗାଳିଆ ହୋଇଛି ସେ ଲୋକଟା !

ଭିକାରି : ସାନ୍ତାଣୀ ମା – କ'ଣ ଏ ଭୋକିଲା ହଡ଼ା ବୁଢ଼ାକୁ କିଛି ମିଳିବନି ।

ବ୍ରାହ୍ମଣୀ : ରହ ବାବା – ରୁହ ଆଣିଦେଉଛି ।

ଭିକାରି : ଭଗବାନ୍ ତୁମର ବଢ଼ତି କରନ୍ତୁ ଠାକୁରାଣୀ ମା' – ଧନ–ଜନ ଗୋପ–ଲକ୍ଷ୍ମୀରେ ତୁମ ଘର ପୂରିଉଠୁ ।

ବ୍ରାହ୍ମଣ : କ'ଣ ସବୁତକ ଦେଉଛ ସନାବୋଉ ?

ବ୍ରାହ୍ମଣୀ : ସନା ପାଇଁ ଅଧେ ରଖିଛି, ବାକି ଅଧକ ଅତିଥିଙ୍କୁ ଦେଉଛି । (ପତ୍ରରେ ଖାଇବାର ଶବ୍ଦ)

ଭିକାରି : ଭାରି ଭୋକ ହେଉଥିଲା ଠାକୁରାଣୀ ମା । ପିଣ୍ଡରୁ ପ୍ରାଣ ବାହାରି ଯାଉଥିଲା । ଏତକ ତ କଉ କଣକୁ ପାଇଲାନି, ମାଆ । ଆଉ ଗଣ୍ଡେ ଦିଅନ୍ତେ କି ?

ବ୍ରାହ୍ମଣୀ : ହଇଗୋ, ଶୁଣିବଟି । କ'ଣ କରିବି ?

ବ୍ରାହ୍ମଣ : ଭଗବାନ୍ ଶକ୍ତି ଦିଅ ! ଏ କି ପରୀକ୍ଷା କରୁଛ ପ୍ରଭୋ ! ଦିଅ ସେଇ ଗଣ୍ଡାକ ଦେଇଦିଅ ।

ସନା : ଉଁଃ ଉଁଃ ବୋଉ – ବୋଉ ଭାତ ଦେବୁ ବୋଲି କହିଥିଲୁ ପରା – ଡେରି ହେଲାଣି ଯେ – କାହିଁକି ଶୁଣୁନୁ, ବୋଉ ।

ବ୍ରାହ୍ମଣୀ : ଶୁଣିଛି ବାପ – ଶୁଣିଛି । ଭାତ ହେଇନିରେ ପୁଅ । ଗରମ ଅଛି – ଦଣ୍ଡେ ଥୟ ଧ' ।

ବ୍ରାହ୍ମଣ : ତୁମେ କାନ୍ଦୁଛ ସନାବୋଉ !

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS Odisha Board and NCERT Books With Solutions ODS

ବ୍ରାହ୍ମଣୀ : (କାନ୍ଦି କାନ୍ଦି) ଦେଖୁନ ପିଲାଟି କିମିତି ବିକଳରେ କାଉଳିବାଉଳି ହେଉଛି !

ଭିକାରି : ସାଆନ୍ତାଣି ମାଆ - ଆଉ ଭାତ ଗଣ୍ଡେ ଦବ ପରା । ନଇଲେ ଯିବି । କେତେ ଆଉ ଅନେଇଥିବି ମାଆ ।

ବ୍ରାହ୍ମଣୀ : ଦଉଛି ବାବା - ଦଉଛି ।

ସନା : ବୋଉ । ଉଁ-ଉଁ-ଉଁ - ବୋଉ ମ - ଭାତ ଦବୁ ପରା !

ଭିକାରି : ସାନ୍ତାଣି ମାଆ - ବସି ରହିଲି ଯେ....

ବ୍ରାହ୍ମଣୀ : ଏଇ ବାବା - ଖାଇଦିଅନ୍ତୁ । (ଖାଇବା ଶବ୍ଦ)

ଭିକାରି : ମା - ତୁମେ ସାକ୍ଷାତ୍ ଲକ୍ଷ୍ମୀ ମା । ତୁମ ଏ ହାତପରଷା ଭାତ ଭଗବାନ୍‌ଙ୍କ ଭୋଗ ଭଳି ଲାଗୁଛି, ଠାକୁରାଣୀ ମା' ।

ସନା : ବୋଉ !ବୋଉ! ଆଃ-ଆଃ ମୋତେ କିମିତି ଲାଗୁଛି । ମୋ' ପାଟି ଶୁଖିଯାଉଛି । ପେଟ କିମିତି ଟାଣିହେଉଛି ।

ବ୍ରାହ୍ମଣୀ : (ଚପା ଗଳାରେ) ସନାରେ - ମୋ ଗଣ୍ଠିଧନ ବାପ - ତୁ ଭାତ ଖାଇବୁ - ବାପା ରୁହ ରୁହ...(କାନ୍ଦିବା)

ଭିକାରି : ବେଶ୍ ତୃପ୍ତି ଲାଗିଲା ବାବୁ, ଠାକୁରାଣୀ ମା' । ଈଶ୍ୱର ତୁମର ଭଲ କରନ୍ତୁ ! ତୁମର ବଢ଼ତି ଉପରେ ବଢ଼ତି ହଉ ।

ସନା : ଉଁ-ଉଁ-ଉଁ....

ବ୍ରାହ୍ମଣ : ପୁଅରେ - ଧନରେ ମୋର - ମୁଁ ନ ମରି କିଆଁ ରହିଛି ? (କଇଁ କଇଁ କାନ୍ଦିବା)

## ତୃତୀୟଦୃଶ୍ୟ

ବ୍ରାହ୍ମଣ : ସନାବୋଉ, ଆସ ଆସ ଦେଖିବ, ନେଉଳଟିଏ ।

ବ୍ରାହ୍ମଣୀ : ବାଃ ସତେ ତ ଅତିଥିଙ୍କ ଅଇଁଠାପତ୍ର ଚାଟୁଛି ।

ବ୍ରାହ୍ମଣ : କି ଆଶ୍ଚର୍ଯ୍ୟ ! ନେଉଳଟି ସୁନା ପାଲଟିଗଲାଣି ।

ବ୍ରାହ୍ମଣୀ : ଅତିଥିଙ୍କ ଅଇଁଠା ଭାତ ନେଇ ପୁଅକୁ ଖୁଆଇ ଦେଲେ କିମିତି ହୁଅନ୍ତା ।

ବ୍ରାହ୍ମଣ : ଆସ ଅତିଥି ବାବାଙ୍କ ପତ୍ରରୁ ଭାତ ସାଉଁଟି ଖାଇବା ।

ବ୍ରାହ୍ମଣୀ : ନେଉଳଟି ପଳେଇଗଲା ଯେ !

ବ୍ରାହ୍ମଣ : ସନା ! ସନାରେ ! ! ପୁଅ - ଏଇ ନେ ବାପ, ଭାତ ଖାଇଦେ ।

ସନା : ଉଁ-ଉଁ-ଉଁ-ଆଁ-ଆଁ...

ବ୍ରାହ୍ମଣୀ : ଗିଳି ଦେ ବାପ - ଏଇ ପାଣି ମନ୍ଦାଏ ଦଉଛି ।

ସନା : ବୋଉ, ଆଉ ଖାଇବିନି । ମୋତେ ତ ଖୁବ୍ ଖୁଆଇଲୁଣି ।

ବ୍ରାହ୍ମଣୀ : ଏଁ, ମୁଁ ତୋତେ କେବେ ଖାଇବାକୁ ଦେଇଛି ରେ ? ଅତିଥିଙ୍କ ଅଇଁଠା ଭାତଟିଏ ପାଟିରେ ପକେଇଦେଲି ସିନା ।

COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

ବ୍ରାହ୍ମଣ : ଦେଖିଲ ସନାବୋଉ, ସନା କିମିତି ପେଟେ ଖାଇଲା ଭଳି ବସି ଉଠିଲାଣି ।

ବ୍ରାହ୍ମଣୀ : ସତେ ତ – ଭୋକରେ ପିଲାଟି କାଉଳିବାଉଳି ହଉଥିଲା ଆଉ ଏବେ....

ବ୍ରାହ୍ମଣ : ସେଇ ଭିକାରି ବୁଢ଼ାଟି – ଭିକାରି ନୁହନ୍ତି ସନାବୋଉ, ସେ ଦେବତା । ଆମକୁ ପରଖୁଥିଲେ ।

ବ୍ରାହ୍ମଣୀ : ଚାଲନ୍ତୁ, ତାଙ୍କର ଦର୍ଶନ କରିବା – କୁଆଡ଼େ ଗଲେ ସେ ଅତିଥି ।

ବ୍ରାହ୍ମଣ : ଭିକାରି ବାବା – ଓଃ, ବାବା – ଆପଣ କୁଆଡ଼େ ଗଲେ ? ଭିକାରି ବାବା.... (ପ୍ରତିଧ୍ୱନିତ ହେବା)

## ଚତୁର୍ଥଦୃଶ୍ୟ

(ଘଣ୍ଟ, ଶଙ୍ଖ ଶବ୍ଦରେ ମୁଖରିତ)

ଓଁ ପ୍ରଜାପତୟେ ନମଃ, ସ୍ୱାହା

ଓଁ ଇନ୍ଦ୍ରାୟ ନମଃ, ସ୍ୱାହା

ଓଁ ଅଗ୍ନୟେ ନମଃ, ସ୍ୱାହା

ଓଁ ସୋମାୟ ନମଃ, ସ୍ୱାହା

ଓଁ ଯଜ୍ଞ ପୁରୁଷାୟ ନମଃ, ସ୍ୱାହା

ପୁରୋହିତ : ମହାରାଜ, ଯଜ୍ଞପୀଠ ଲୋକାରଣ୍ୟ । ପ୍ରାସାଦ ବିଳାସୀଠାରୁ କୁଟୀରବାସୀ ପର୍ଯ୍ୟନ୍ତ ସମବେତ ।

ଯୁଧିଷ୍ଠିର : ଭଗବାନ୍, ଏ ପରମ ପବିତ୍ର ମହୋତ୍ସବର ଦିନରେ ହସ୍ତିନାବାସୀ ଭାଗ୍ୟବାନ୍ ।

ପୁରୋହିତ : ଯଜ୍ଞାନୁରୂପ ଦାନ ହେଉଛି ଯଜ୍ଞର ପ୍ରାଧାନ୍ୟ । ବର୍ତ୍ତମାନ ଦାନଦ୍ରବ୍ୟର ପ୍ରସ୍ତୁତି ଆବଶ୍ୟକ, ମହାରାଜ !

ଯୁଧିଷ୍ଠିର : ସବୁ ସୁବ୍ୟବସ୍ଥିତ, ଭଗବାନ୍ !

ସମବେତ : ଜୟ, ଯୁଧିଷ୍ଠିର ମହାରାଜାଙ୍କର ଜୟ ! ଜୟ, ଯୁଧିଷ୍ଠିର ମହାରାଜାଙ୍କର ଜୟ !

ଯୁଧିଷ୍ଠିର : ସହଦେବ !

ସହଦେବ : ଆଦେଶ କରନ୍ତୁ, ମହାରାଜ ।

ଯୁଧିଷ୍ଠିର : ଘୋଷଣା କରନ୍ତୁ, ଦାନ ଗ୍ରହଣ କରିବାକୁ ।

ସହଦେବ : ଯଥା ଆଜ୍ଞା, ମହାରାଜ । ସମବେତ ଜ୍ଞାନୀ, ଗୁଣୀ, ମହର୍ଷି, ବ୍ରାହ୍ମଣମଣ୍ଡଳୀଙ୍କୁ ମହାରାଜ ଯୁଧିଷ୍ଠିରଙ୍କ ବିନୀତ ଅନୁରୋଧ ଯେ ମହାରାଜାଙ୍କ ଶ୍ରୀହସ୍ତରୁ ଦାନ ଗ୍ରହଣ କରନ୍ତୁ ।

ଯୁଧିଷ୍ଠିର : ଏଇ ଗ୍ରହଣ କରନ୍ତୁ ମହର୍ଷି !

ମହର୍ଷି : ମନ୍ତ୍ରାର୍ଥାଃ ସଫଳାସନ୍ତୁ
ପୂର୍ଣ୍ଣାଃସନ୍ତୁ ମନୋରଥାଃ ।

ଯୁଧିଷ୍ଠିର : ଏଇ ସ୍ୱୀକାର କରନ୍ତୁ, ବିଜ୍ଞବର ।

ବିଜ୍ଞବର : ଶତ ସମ୍ବତ୍ସରଂ ଦୀର୍ଘମାୟୁଃ ।

COMPETITIVE BOOKS ଓଡିଶା Board and NCERT All Books With Solutions OBS

ଯୁଧିଷ୍ଠିର : ଏଇ ଗ୍ରହଣ କରନ୍ତୁ, ମହାତ୍ମନ୍ ।

ସମବେତ : ଜୟ ! ଯୁଧିଷ୍ଠିର ମହାରାଜାଙ୍କର ଜୟ ! ଜୟ ! ହସ୍ତିନାଧିପତିଙ୍କର ଜୟ !

(ଶଙ୍ଖ, ଘଣ୍ଟା ଶବ୍ଦରେ ନିନାଦିତ)

ଓଁ ଅଗ୍ନୟେ ନମଃ, ସ୍ୱାହା

ଓଁ ପ୍ରଜାପତୟେ ନମଃ, ସ୍ୱାହା

ଓଁ ଯଜ୍ଞପୁରୁଷାୟ ନମଃ, ସ୍ୱାହା

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ

## ପଞ୍ଚମଦୃଶ୍ୟ

ଦୂତ : ଜୟ ! ମହାରାଜାଧିରାଜ ଯୁଧିଷ୍ଠିରଙ୍କର ଜୟ !

ଯୁଧିଷ୍ଠିର : କି ସମ୍ବାଦ ଦୂତ ।

ଦୂତ : ଛାମୁ, ଜଣେ ଆଗନ୍ତୁକ ମହାରାଜଙ୍କ ଦର୍ଶନପ୍ରାର୍ଥୀ ।

ଯୁଧିଷ୍ଠିର : ରକ୍ଷୀ, କିଏ ସେଇ ଆଗନ୍ତୁକ !

ଦୂତ : ଏକ ନେଉଳ, ଛାମୁ ।

ଯୁଧିଷ୍ଠିର : ଅପଦାର୍ଥ । ମହାରାଜାଙ୍କ ସହ ଉପହାସ କରିବାର ଦୁଃସାହସ କରୁଛୁ !

ଦୂତ : ଅଧୀନର ଧୃଷ୍ଟତା ମାର୍ଜନା କରନ୍ତୁ, ଛାମୁ । ଅଧୀନ ସତ୍ୟହିଁ ପ୍ରକାଶ କରିଛି ।

ଯୁଧିଷ୍ଠିର : ମହାରାଜାଙ୍କ ସ୍ୱୀକୃତି ଜଣାଇଦିଅ ।

ଦୂତ : ଯଥା ଆଜ୍ଞା ମହାରାଜ ! ଜୟ ! ମହାରାଜାଙ୍କ ଜୟ ହେଉ !

ନେଉଳ : ଜୟ ! ମହାରାଜ ଯୁଧିଷ୍ଠିରଙ୍କର ଜୟ !

ଯୁଧିଷ୍ଠିର : ଆଶ୍ଚର୍ଯ୍ୟ ସାମାନ୍ୟ ନେଉଳ ଏ ! ତା'ର ମୁହଁରେ ପୁଣି ଏ ମାର୍ଜିତ ଭାଷା !

ନେଉଳ : ଏ ଅକିଞ୍ଚନ ଛାମୁଙ୍କୁ ବିସ୍ମିତ କରିପାରିଛି ବୋଧେ ।

ଯୁଧିଷ୍ଠିର : ନିଶ୍ଚୟ ! ନିଶ୍ଚୟ ! ଆଗନ୍ତୁକ । କ୍ଷୁଦ୍ରତର ଏକ ଜୀବ ହେଲେ ମଧ ତୁମର ମାର୍ଜିତ ଭାଷା ମୋତେ ମୁଗ୍ଧ କରିଛି – ମୋତେ ଅବାକ୍ କରିଛି !

ନେଉଳ : ଏ ତ ହସ୍ତିନାବାସୀର କର୍ମଫଳ, ଛାମୁ ।

ଭୀମ : ମହାରାଜ ଯୁଧିଷ୍ଠିରଙ୍କ ଯଜ୍ଞର ସୁଫଳ କୁହନ୍ତୁ, ଆଗନ୍ତୁକ ।

ନେଉଳ : ନା । ଏ ଯଜ୍ଞର ସୁଫଳ ନୁହେଁ ।

ଭୀମ : ଏତେ ଆସ୍ପର୍ଦ୍ଧା, ସାମାନ୍ୟ ନେଉଳଟିଏର ।

ନେଉଳ : ଏ ରାଜକୀୟ ରାଜସୂୟ ଯଜ୍ଞର ଫଳ ନୁହେଁ କ୍ଷତ୍ରିୟପ୍ରବର !

COMPETITIVE BOOKS
Board and NCERT
All Books With Solutions
UBS

| | | |
|---|---|---|
| ଭୀମ | : | ରସନା ସଂଯତ କର, ହୀନକର୍ମା । ତୁମେ ଜାଣ କା'ର ରାଜଦରବାରରେ ଏ ଆସ୍ପର୍ଦ୍ଧା ପ୍ରକାଶ କରୁଛ ? |
| ନେଉଳ | : | ଜାଣେ କ୍ଷତ୍ରିୟପ୍ରବର – ମହାରାଜ ଯୁଧିଷ୍ଠିରଙ୍କ ରାଜଦରବାରରେ । |
| ଯୁଧିଷ୍ଠିର | : | ଶାନ୍ତ ହୁଅ, ଭୀମ । |
| ଭୀମ | : | ଛାମୁଙ୍କ ସମ୍ମୁଖରେ ଏ ଔଦ୍ଧତ୍ୟ ସହ୍ୟ ନୁହେଁ, ମହାରାଜ । |
| ଯୁଧିଷ୍ଠିର | : | ତଥାପି ଆଗନ୍ତୁକ ଆମର ଅତିଥି । ତାଙ୍କର ବକ୍ତବ୍ୟ ସ୍ୱାଗତଯୋଗ୍ୟ । |
| ଭୀମ | : | ଯଥାଦେଶ ମହାରାଜ । |
| ଯୁଧିଷ୍ଠିର | : | ଏ ମୁଗ୍ଧ ଶ୍ରୋତାର ସଂଶୟ ଦୂର କରନ୍ତୁ ଆଗନ୍ତୁକ । ଆଗମନର ଅଭିପ୍ରାୟ ପ୍ରକାଶ କରନ୍ତୁ । |
| ନେଉଳ | : | ଛାମୁ ଅବଶ୍ୟ ଲକ୍ଷ୍ୟ କରିପାରିଥିବେ ମହାରାଜ – ଏ ଅକିଞ୍ଚନର ଦେହାର୍ଦ୍ଧ ସୁବର୍ଣ୍ଣମଣ୍ଡିତ । |
| ଯୁଧିଷ୍ଠିର | : | ତାହା ମୁଁ ଲକ୍ଷ୍ୟ କରିପାରୁଛି, ଆଗନ୍ତୁକ ! ତେବେ ଆଗମନର ଅଭିପ୍ରାୟ ? |
| ନେଉଳ | : | ପ୍ରକାଶ କରୁଛି, ଛାମୁ – କିନ୍ତୁ ତାହା ମହାରାଜାଙ୍କ ଶ୍ରାବ୍ୟ ହେବ ନାହିଁ । |
| ଯୁଧିଷ୍ଠିର | : | ରାଜଦରବାରରେ ଅଶ୍ରାବ୍ୟ ବି ସ୍ୱାଗତଯୋଗ୍ୟ । ଦ୍ୱିଧାହୀନ ଭାବେ ପ୍ରକାଶ କରନ୍ତୁ, ଆଗନ୍ତୁକ ! |
| ନେଉଳ | : | ଏ ଅକିଞ୍ଚନ ସ୍ୱଭାବତଃ ମୂକ । |
| ଯୁଧିଷ୍ଠିର | : | ସେ ତ ପ୍ରକୃତିସିଦ୍ଧ । ତେବେ ବାଚାଳ ହେବାର କାରଣ କୁହନ୍ତୁ । |
| ନେଉଳ | : | ଯିଏ ଏ ଅକିଞ୍ଚନ ମୂକକୁ ବାଚାଳ କରିଛି, ଏ ଅପଦାର୍ଥ ମୂଲ୍ୟହୀନକୁ ଦୁର୍ମୂଲ୍ୟ କରିଛି, ସେ ଜଣେ ହସ୍ତିନାବାସୀ, ମହାରାଜ ! |
| ଯୁଧିଷ୍ଠିର | : | ମୁଁ ସେଇ ମହାତ୍ମାଙ୍କର ଯଶୋଗାନରେ ଶତମୁଖ ହେଉଛି ଆଗନ୍ତୁକ । କୁହନ୍ତୁ, କିଏ ସେଇ ମହାତ୍ମା । |
| ନେଉଳ | : | ଜଣେ ଗରିବ ବ୍ରାହ୍ମଣ, ମହାରାଜ । |
| ଯୁଧିଷ୍ଠିର | : | ଜଣେ ଗରିବ ବ୍ରାହ୍ମଣ ! |
| ଭୀମ | : | ବୋଧହୁଏ ତନ୍ତ୍ରସାଧକ ହୋଇଥିବେ, ଧର୍ମଦେବ । |
| ନେଉଳ | : | ଆପଣ ଭୁଲ କହୁଛନ୍ତି ଦ୍ୱିତୀୟ ପାଣ୍ଡବ । |
| ଭୀମ | : | ଦେଖୁଛନ୍ତି ମହାରାଜ, ଏଇ ହୀନମତିର ଔଦ୍ଧତ୍ୟ । |
| ନେଉଳ | : | ଏ ହୀନମତିର ସତ୍ୟୋକ୍ତିରେ ଆପଣ ବିଚଳିତ ହୋଇ ଉଠୁଛନ୍ତି ବୀର ! |
| ଯୁଧିଷ୍ଠିର | : | ଶାନ୍ତ ହୁଅ ଭୀମ । ଆଗନ୍ତୁକର ସତ୍ୟୋକ୍ତି ପ୍ରକାଶରେ ବିରୋଧ କର ନାହିଁ । |
| ଭୀମ | : | ଯଥା ଆଜ୍ଞା ଦେବ । |
| ଯୁଧିଷ୍ଠିର | : | ନିର୍ଭୟରେ ବକ୍ତବ୍ୟ ପ୍ରଦାନ କରନ୍ତୁ, ଆଗନ୍ତୁକ ! |
| ନେଉଳ | : | ଏ ଆଗନ୍ତୁକ ସ୍ୱଭାବତଃ ଭୟହୀନ, ଛାମୁ । |

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

ଯୁଧିଷ୍ଠିର : ଉତ୍ତମ । ଏ ସ୍ୱାଭାବିକତା ପାଇଁ ମୁଁ ସମ୍ବର୍ଦ୍ଧନା ଜ୍ଞାପନ କରୁଛି । ପ୍ରକାଶ କରନ୍ତୁ ଆଗନ୍ତୁକ, କିଏ ସେଇ ପୁଣ୍ୟାତ୍ମା ବ୍ରାହ୍ମଣ ?

ନେଉଳ : ଶୁଣନ୍ତୁ ମହାରାଜ – ଉଚ୍ଛିବନ୍ତ ଦରିଦ୍ର ଅଥଚ ଅତିଥିପରାୟଣ, ତାଙ୍କର ଆତିଥ୍ୟର ପଟାନ୍ତର ନାହିଁ । ତାଙ୍କର ପୁଣ୍ୟବଳ ପ୍ରଖର ।

ଭୀମ : ସେଇ ପୁଣ୍ୟବାନ୍ ଆପଣଙ୍କର କ’ଣ କରିଛି ଆଗନ୍ତୁକ ? ତାହାହିଁ ପ୍ରକାଶ କରନ୍ତୁ ।

ନେଉଳ : ସେଇ ପୁଣ୍ୟବାନ୍ ଏ ଅକିଞ୍ଚନର ଦେହାର୍ଦ୍ଧକୁ ସୁବର୍ଣ୍ଣମଣ୍ଡିତ କରିଛି । କିନ୍ତୁ ମହାରାଜଙ୍କ ପୁଣ୍ୟବଳ ସେଇ ଦରିଦ୍ର ବ୍ରାହ୍ମଣର ପୁଣ୍ୟବଳରୁ କଦାପି ମହତ୍ତର ନୁହେଁ ବୀର ।

ଭୀମ : ଆପଣ ସୀମା ଲଙ୍ଘନ କରୁଛନ୍ତି, ଆଗନ୍ତୁକ ।

ନେଉଳ : ସତ୍ୟ ଅସହ୍ୟ ହେବା ସ୍ୱାଭାବିକ, ଦ୍ୱିତୀୟ ପାଣ୍ଡବ !

ଭୀମ : କାହିଁ ରାଜସୂୟ ଯଜ୍ଞର ପୁଣ୍ୟବଳ ଆଉ ଦରିଦ୍ର ବ୍ରାହ୍ମଣର ଆତିଥ୍ୟ ? ଆପଣଙ୍କ ମତିଭ୍ରମ ହୋଇନି ତ, ଆଗନ୍ତୁକ ?

ନେଉଳ : ସେଇ ଭ୍ରାନ୍ତି ରାଜକୀୟ, ସେ ତ ଦରିଦ୍ରର ଦୁର୍ଲଭ !!

ଯୁଧିଷ୍ଠିର : ଆପଣଙ୍କ ବକ୍ତବ୍ୟ କେବଳ ବିସ୍ମୟକର ନୁହେଁ ଆଗନ୍ତୁକ, ଏହା ରହସ୍ୟଜନକ ।

ନେଉଳ : ଏ ଅକିଞ୍ଚନ ନିଜ କଳେବର ଯଜ୍ଞ-ଭସ୍ମରେ ବିଲେପିତ କରିଛି, ମହାରାଜ । ବହୁ ଧର୍ମାନୁଷ୍ଠାନରେ ଏ ଅକିଞ୍ଚନ ଅନ୍ୱେଷଣ କରିଛି ସେଇ ଦରିଦ୍ର ବ୍ରାହ୍ମଣର ପୁଣ୍ୟବଳ । କିନ୍ତୁ ଏଯାଏଁ ପାଇପାରି ନାହିଁ ।

ଭୀମ : ଧର୍ମରାଜ ଯୁଧିଷ୍ଠିରଙ୍କ ଏତେ ବଡ଼ ରାଜସୂୟ ଯଜ୍ଞର ଦାନ-ଦକ୍ଷିଣା କ’ଣ ପୁଣ୍ୟବଳ ପାଇପାରିଲାନି, ଆଗନ୍ତୁକ ?

ନେଉଳ : ଏ ପ୍ରଶ୍ନର ଉତ୍ତର ସ୍ୱୟଂ ଧର୍ମରାଜ ଦେଇପାରିବେ, ଦ୍ୱିତୀୟ ପାଣ୍ଡବ !

ଯୁଧିଷ୍ଠିର : ବାସ୍ତବିକ୍ ଏ ଉତ୍ତର ମୋ’ ପକ୍ଷରେ ସମ୍ଭବ ନୁହେଁ, ଆଗନ୍ତୁକ ।

ନେଉଳ : ସେଇ ଦିନୁ ଏ ଅବଶିଷ୍ଟ ଅର୍ଦ୍ଧାଙ୍ଗ ସ୍ୱର୍ଣ୍ଣାଭ କରିବାପାଇଁ ଏ ଅକିଞ୍ଚନ ସବୁ ଯଜ୍ଞାନୁଷ୍ଠାନ, ଧର୍ମକାର୍ଯ୍ୟରେ ଯୋଗଦାନ କରିଛି, ମହାରାଜ । ହେଲେ ସେଇ ଦରିଦ୍ର ବ୍ରାହ୍ମଣର ପୁଣ୍ୟବଳ ଏଯାବତ୍ ପ୍ରାପ୍ୟ ହୋଇ ନାହିଁ ।

ଯୁଧିଷ୍ଠିର : ବାସ୍ତବିକ୍ ଏ ରାଜକୀୟ, ରାଜସୂୟରେ ଅହମିକା, ଆଡ଼ମ୍ବରର ବାହୁଲ୍ୟ ରହିଛି ସିନା – ଏଥିରେ ମାନବିକତା ନାହିଁ । ସେଇଥିପାଇଁ ଏ ଯଜ୍ଞ ଆଜି ନିଷ୍ଫଳ । ଉଚ୍ଛିବନ୍ତଙ୍କ ଅତିଥିସେବା, ମହତ୍ତ୍ୱବୋଧ ଯେକୌଣସି ରାଜସୂୟ ଯଜ୍ଞଠାରୁ ବି ବଳୀୟାନ୍ । ଆପଣ ମୋ’ର ଆଖି ଫିଟେଇ ଦେଇଛନ୍ତି ଆଗନ୍ତୁକ । ଏ ମିଥ୍ୟା ଅହମିକାରେ କ’ଣ ଅଛି ?

ନେଉଳ : ଜୟ, ମହାରାଜ ଯୁଧିଷ୍ଠିରଙ୍କର ଜୟ !

ସମବେତ : ଜୟ, ମହାରାଜ ଯୁଧିଷ୍ଠିରଙ୍କର ଜୟ !

ପ୍ରଥମରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

**ସୂଚନା :**

ଯାଉ - ଯିବାପାଇଁ ନିର୍ଦ୍ଦେଶ ।

ଯାଉ - ଅନ୍ନ ଅଧିକ ସିଝିଯାଇ ଅତିନରମ ମଣ୍ଡ ପରି ହୋଇଯିବା ।

ପ୍ରାସାଦବିଳାସୀ- ପ୍ରାସାଦ ବା ରାଜମହଲରେ ବିଳାସରେ ବା ସୁଖସମ୍ଭୋଗରେ ରହୁଥିବା ବ୍ୟକ୍ତି ।

ପ୍ରକୃତିସିଦ୍ଧ- ସ୍ୱାଭାବିକ

ଦୁଷ୍କାଳ- ଖରାପସମୟ

ବିଶ୍ୱନିୟନ୍ତା- ବିଶ୍ୱକୁ ନିୟନ୍ତ୍ରଣ କରୁଛନ୍ତି ଯେ

ପଣ - ଶପଥ, ପ୍ରତିଜ୍ଞା

**ଆସ, ଜାଣିବା କେତୋଟି ନୂତନଶବ୍ଦ ।**

| | | | |
|---|---|---|---|
| ଦୁର୍ଲଭ | ଲୋକାରଣ୍ୟ | ଅପଦାର୍ଥ | ବିଲେପିତ |
| ଦୁର୍ଭିକ୍ଷ | ବିଜ୍ଞବର | ସ୍ୱୀକୃତି | ପୁଣ୍ୟବଳ |
| ଗଣ୍ଠିଧନ | ଆଗନ୍ତୁକ | ମାର୍ଜିତ | ପଟାନ୍ତର |
| ଯଜ୍ଞପୀଠ | ଧୃଷ୍ଟତା | ରାଜସୂୟ | ମତିଭ୍ରମ |

## ଅଭ୍ୟାସକାର୍ଯ୍ୟ

**(୧) ଆସ, କଥାବାର୍ତ୍ତା ହେବା ।**

(କ) ବ୍ରାହ୍ମଣ ଖୁଦଦାନାଟିଏ କାହିଁକି ପାଇଲେ ନାହିଁ ?

(ଖ) ସନା କାଉଳି ବାଉଳି ହେଉଥିଲା କାହିଁକି ?

(ଗ) ସନାର କିଛି ହେବ ନାହିଁ ବୋଲି ବ୍ରାହ୍ମଣ କିପରି ଜାଣିଲେ ?

(ଘ) ଶସ୍ୟ ସଂଗ୍ରହ ପାଇଁ ବ୍ରାହ୍ମଣ ବ୍ରାହ୍ମଣୀ କେଉଁଠିକି ଗଲେ ?

(ଙ) ନେଉଳଟିର ଅଧାଦେହ ସୁନା ପାଲଟିଗଲା କିପରି ?

**(୨) ଦୁଇ ବା ତିନୋଟି ବାକ୍ୟରେ ତଳ ପ୍ରଶ୍ନର ଉତ୍ତର ଲେଖିବା ।**

(କ) ବ୍ରାହ୍ମଣୀ କାନ୍ଦିଥିଲେ କାହିଁକି ?

(ଖ) ଯଜ୍ଞର ପ୍ରଧାନ କର୍ତ୍ତବ୍ୟ କ'ଣ ବୋଲି ପୁରୋହିତ କହିଲେ ?

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

(ଗ) ଭିକାରିଙ୍କୁ ଦେଖିଲାପରେ ବ୍ରାହ୍ମଣଙ୍କ ମନରେ କି ପ୍ରକାର ପରିବର୍ତ୍ତନ ଆସିଲା ?

(ଘ) ନେଉଳ କିପରି ଯୁଧିଷ୍ଠିରଙ୍କ ଆଖି ଖୋଲି ଦେଇଛି ?

(ଙ) ନେଉଳର ସ୍ୱାଭାବିକ ଆଚରଣ କିପରି ?

**(୩) ଆସ, ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ସରଳଭାଷାରେ ବୁଝାଇ ଲେଖିବା ।**

(କ) ଏ ତ ହସ୍ତିନାବାସୀର କର୍ମଫଳ, ଛାମୁ।

(ଖ) ସତ୍ୟ ଅସହ୍ୟ ହେବା ସ୍ୱାଭାବିକ।

**(୪) ତଳେ ଦିଆଯାଇଥିବା ସଂଳାପଗୁଡ଼ିକ ଯେଉଁ ଚରିତ୍ରର, ତାଙ୍କ ନାମ କୋଠରିରୁ ବାଛି ଡାହାଣ ପାଖରେ ଲେଖିବା।**

| ନେଉଳ, ଯୁଧିଷ୍ଠର, ଭିକାରି, ବ୍ରାହ୍ମଣ, ଭୀମ |
|---|

(କ) ଦେଖୁନ - ପିଲାଟି କିମିତି କାଉଳିବାଉଳି ହଉଚି ?

(ଖ) ମହାରାଜାଙ୍କ ସ୍ୱୀକୃତି ଜଣାଇଦିଅ।

(ଗ) ଏ ରାଜକୀୟ ରାଜସୂୟ ଯଜ୍ଞର ଫଳ କ୍ଷତ୍ରିୟ ପ୍ରବର।

(ଘ) ଆପଣ ସୀମା ଲଙ୍ଘନ କରୁଛନ୍ତି ଆଗନ୍ତୁକ।

(ଙ) ବେଶ୍ ତୃପ୍ତି ଲାଗିଲା ବାବୁ, ଠାକୁରାଣୀ ମା'।

**(୫) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦଗୁଡ଼ିକ ଲେଖିବା ।**

(କ) ଦୁର୍ଲଭ

(ଖ) ଦୁର୍ଦ୍ଦିନ

(ଗ) ନିନ୍ଦା

(ଘ) ପ୍ରିୟ

(ଙ) ସୁଫଳ

**(୬) ତଳେ ଦିଆଯାଇଥିବା ସଂଳାପଗୁଡ଼ିକୁ ବହିଦେଖି କ୍ରମାନ୍ୱୟରେ ପୁଣିଥରେ ଲେଖିବା ।**

ବ୍ରାହ୍ମଣ : କି ଆଶ୍ଚର୍ଯ୍ୟ । ନେଉଳଟି ସୁନା ପାଲଟି ଗଲାଣି ।

ଭିକାର : ସାନ୍ତାଣି ମାଆ - ବସି ରହିଲି ଯେ......

ଭୀମ : ସେଇ ପୁଣ୍ୟବାନ୍ ଆପଣଙ୍କର କ'ଣ କରିଛି ଆଗନ୍ତୁକ ?

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

ନେଉଳ : ଜଣେ ଗରିବ ବ୍ରାହ୍ମଣ, ମହାରାଜ।

ଯୁଧିଷ୍ଠିର : ତଥାପି ଆଗନ୍ତୁକ ଆମର ଅତିଥି, ତାଙ୍କର ବକ୍ତବ୍ୟ ସ୍ୱାଗତଯୋଗ୍ୟ।

**(୭) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ନେଇ ଆସ ଗୋଟିଏ ଛୋଟ ଅନୁଚ୍ଛେଦ ଲେଖିବା ।**

| | | | |
|---|---|---|---|
| ଆଗନ୍ତୁକ, | ଅତିଥି, | ସ୍ୱାଗତଯୋଗ୍ୟ, | ପୁଣ୍ୟବଳ |
| ସମ୍ବର୍ଦ୍ଧନାଜ୍ଞାପନ, | | ମହତ୍ତ୍ୱବୋଧ, | ବଳୀୟାନ |

**(୮) 'ବଳୀୟାନ' ପରି ଆଉଦୁଇଟି ଶବ୍ଦ କୋଠରି ଭିତରେ ଲେଖିବା, ଯାହାର ଶେଷରେ 'ୟାନ' ଥିବ ।**

**(୯) ତଳେ 'କ' ସ୍ତମ୍ଭ ସହ ସଂପର୍କିତ ଶବ୍ଦ 'ଖ' ସ୍ତମ୍ଭରେ ଦିଆଯାଇଛି ସେହି ସଂପର୍କିତ ଶବ୍ଦଗୁଡ଼ିକୁ ଯୋଡ଼ି ଗୋଟିଏ ଗୋଟିଏ ବାକ୍ୟ ଗଠନ କରିବା।**

| 'କ'ସ୍ତମ୍ଭ | 'ଖ'ସ୍ତମ୍ଭ |
|---|---|
| ବିଶ୍ୱ | ପ୍ରବର |
| ଗଣ୍ଡି | ନିୟନ୍ତା |
| ପରମ | ସିଦ୍ଧ |
| କ୍ଷତ୍ରୀୟ | ପବିତ୍ର |
| ପ୍ରକୃତି | ଧନ |

**(୯) ଭୁଲ୍ ଶବ୍ଦକୁ ତା'ପାଖରେ ଠିକ୍ କରି ଲେଖିବା।**

| | |
|---|---|
| ଯଜ୍ଞପିଠ- | ଚଳଚିତ୍ର- |
| ସ୍ୱିକୃତି- | ମହତ୍ୱ- |
| ପୁନ୍ୟବଳ- | ପରିକ୍ଷା- |
| ରାଜସୁୟ- | ମୁକ- |
| ଚିତ୍କାର- | ଦୂର୍ମୁଲ୍ୟ- |

**ତୁମପାଇଁ କାମ :**

ଏକାଙ୍କିକାଟି ପଢ଼ିସାରିବା ପରେ ତୁମେ ନିଜ ନିଜ ମଧ୍ୟରେ ବିଭିନ୍ନ ଚରିତ୍ରକୁ ବାଛି ନେଇ ଶ୍ରେଣୀଗୃହରେ ଶିକ୍ଷକଙ୍କ ସହାୟତାରେ ଅଭିନୟ କର ।

***

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books with Solutions
OBS

# ପାଠ୍ୟପୁସ୍ତକସ୍ଥ ଅଭ୍ୟାସ କାର୍ଯ୍ୟର ଉତ୍ତର

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board
OBS

୧ । ଆସ, କଥାବାର୍ତ୍ତା ହେବା ।

(କ) ବ୍ରାହ୍ମଣ ଖୁଦଦାନାଟିଏ କାହିଁକି ପାଇଲେ ନାହିଁ ?

ଉ– ହସ୍ତିନାପୁରରେ ଦୁର୍ଭିକ୍ଷ ପଡ଼ିଥିବାରୁ ଲୋକମାନେ ଖାଇବାକୁ ପାଉ ନଥିଲେ କିମ୍ବା ଖୁଦ ଦାନାଟିଏ ପାଉ ନଥିଲେ, ସେଥିପାଇଁ ବ୍ରାହ୍ମଣ ଭିକ୍ଷା କରିବାକୁ ଯାଇ ଖୁଦ ଦାନାଟିଏ ପାଇନଥିଲେ ।

**(ଖ) ସନା କାଉଳି ବାଉଳି ହେଉଥିଲା କାହିଁକି ?**

ଉ– ଅତ୍ୟଧିକ କ୍ଷୁଧା ହେତୁ ବା ଭୋକରେ ପାଣି ପିଇ ଦେଉଥିବାରୁ, ସନାର ପେଟ କ'ଣ ହୋଇଯାଉଛି, ଯାହାଫଳରେ ସେ କାଉଳି ବାଉଳି ହୋଇଯାଇଛି ।

**(ଗ) ସନାର କିଛି ହେବ ନାହିଁ ବୋଲି ବ୍ରାହ୍ମଣ କିପରି ଜାଣିଲେ ?**

ଉ– ବ୍ରାହ୍ମଣ ମନରେ ଅଟଳ ଈଶ୍ୱରବିଶ୍ୱାସ ଓ ଧାର୍ମିକ ଭାବ ରହିଥିବାରୁ, ତାଙ୍କ ପୁଅ ସନାର କିଛି ହେବ ନାହିଁ, ସେ ଜାଣିଥିଲେ ।

**(ଘ) ଶସ୍ୟ ସଂଗ୍ରହ ପାଇଁ ବ୍ରାହ୍ମଣ ବ୍ରାହ୍ମଣୀ କେଉଁଠିକି ଗଲେ ?**

ଉ– ଶସ୍ୟ ସଂଗ୍ରହ ପାଇଁ ବ୍ରାହ୍ମଣ ବ୍ରାହ୍ମଣୀ ପାଖ ବିଲକୁ ଯାଇଥିଲେ ।

**(ଙ) ନେଉଳଟିର ଅଧାଦେହ ସୁନା ପାଲଟିଗଲା କିପରି ?**

ଉ– ବ୍ରାହ୍ମଣଙ୍କ ଘରେ ଅତିଥି ହୋଇଥିବା ଭିକାରିର ଅଇଁଠା ପତ୍ର ଚାଟିବାରୁ, ନେଉଳର ଅଧା ଦେହ ସୁନା ପାଲଟି ଯାଇଥିଲା ।

**୨। ଦୁଇ ବା ତିନୋଟି ବାକ୍ୟରେ ତଳ ପ୍ରଶ୍ନର ଉତ୍ତର ଲେଖିବା ।**

**(କ) ବ୍ରାହ୍ମଣୀ କାନ୍ଦିଥିଲେ କାହିଁକି ?**

ଉ– ବ୍ରାହ୍ମଣୀ କାଙ୍ଗାଳିଆ ଭିକାରିକୁ ନିଜ ପୁଅ ସନାତନ ପାଇଁ ରାନ୍ଧିଥିବା ଭାତରୁ ପ୍ରଥମେ ଅଧେ ଓ ପରେ ପୁଅ ପାଇଁ ରଖିଥିବା ଭାତକୁ ଦେଇଥିଲେ । ଭୋକରେ କାଉଳି ବାଉଳି ହେଉଥିବା ପୁଅକୁ 'ଭାତ ଗରମ ଅଛି, ଥଣ୍ଡା ହେଲେ ଦେବି' ବୋଲି ମିଛ ସାନ୍ତ୍ୱନା ଦେଇଥିଲେ । ପୁଅ ପାଇଁ ଭାତ ନାହିଁ; ମାତ୍ର ପୁଅକୁ ଭାତ ଦେବାର ବାହାନା କରୁଥିବାରୁ ବ୍ରାହ୍ମଣୀ କାନ୍ଦିଥିଲେ ।

**(ଖ) ଯଜ୍ଞର ପ୍ରଧାନ କର୍ତ୍ତବ୍ୟ କ'ଣ ବୋଲି ପୁରୋହିତ କହିଲେ ?**

ଉ– ରାଜା ଯୁଧିଷ୍ଠିର ହସ୍ତିନାରେ ଯଜ୍ଞ କରୁଥିଲେ । ସେହି ଯଜ୍ଞ ଅବସରରେ ପୁରୋହିତ ରାଜା ଯୁଧିଷ୍ଠିରଙ୍କୁ ପରାମର୍ଶ ଦେଇ କହିଥିଲେ, ଯଜ୍ଞାନୁରୂପ ଦାନ ହେଉଛି ଯଜ୍ଞର ପ୍ରଧାନ କର୍ତ୍ତବ୍ୟ । ତେଣୁ ସେହି ସମୟରେ ଦାନ ଦ୍ରବ୍ୟର ପ୍ରସ୍ତୁତି ଆବଶ୍ୟକ ।

Odisha Board and NCERT
All Books With Solutions
OBS

**(ଗ) ଭିକାରୀଙ୍କୁ ଦେଖିଲା ପରେ ବ୍ରାହ୍ମଣୀଙ୍କ ମନରେ କି ପ୍ରକାର ପରିବର୍ତ୍ତନ ଆସିଲା ?**

ଉ– ପୁଅ ପାଇଁ ପେଜପୋଷେ କରିବା ପାଇଁ ବ୍ରାହ୍ମଣ ବ୍ରାହ୍ମଣ ପାଖ ବିଲରୁ ଶସ୍ୟ ସଂଗ୍ରହ କରି ରାନ୍ଧିଥିଲେ । ସେହି ସମୟରେ ଭିକାରିଟି ପହଞ୍ଚିବାରୁ, ବ୍ରାହ୍ମଣୀ ତା' ଉପରେ ପ୍ରଥମେ ବିରକ୍ତ ହୋଇଥିଲେ । ମାତ୍ର କାଙ୍ଗାଳିଆ ଭିକାରିର ଅସ୍ଥିସାର ଦୁରବସ୍ଥା ଦେଖିଲା ପରେ ବ୍ରାହ୍ମଣୀଙ୍କ ମନ ପରିବର୍ତ୍ତନ ହୋଇଥିଲା ଓ ସେ ତାହାକୁ ଖାଇବାକୁ ଦେଇଥିଲେ ।

**(ଘ) ନେଉଳ କିପରି ଯୁଧିଷ୍ଠିରଙ୍କ ଆଖି ଖୋଲି ଦେଇଛି ?**

ଉ– ନେଉଳଟି କହିଛି, ଅନେକ ଯଜ୍ଞାନୁଷ୍ଠାନ ଓ ଧର୍ମକାର୍ଯ୍ୟରେ ଯୋଗଦେଲେ ମଧ୍ୟ କୌଣସିଠାରେ ଉଚ୍ଛିବନ୍ତ ବ୍ରାହ୍ମଣଙ୍କ ପୁଣ୍ୟବଳ ପାଇ ନାହିଁ । ଉଚ୍ଛିବନ୍ତ ବ୍ରାହ୍ମଣ ପାଇଁ ତା'ର ଅର୍ଦ୍ଧାଙ୍ଗ ସୁବର୍ଣ୍ଣ ହେଲେ ବି, ଅନ୍ୟ ଅର୍ଦ୍ଧାଙ୍ଗ ସୁବର୍ଣ୍ଣ ହୋଇ ନାହିଁ । ନେଉଳର ଏପରି କଥାରେ ଯୁଧିଷ୍ଠିର ଅନୁଭବ କରିଛନ୍ତି, ରାଜସୂୟ ଯଜ୍ଞ ଅହମିକା ଓ ଆଡ଼ମ୍ବରରେ ପରିପୂର୍ଣ୍ଣ, ଏଥିରେ ପୁଣ୍ୟବଳ ନାହିଁ । ନେଉଳର କଥା ହିଁ ଯୁଧିଷ୍ଠିରଙ୍କ ଆଖି ଖୋଲି ଦେଇଛି ।

**(ଙ) ନେଉଳର ସ୍ୱାଭାବିକ ଆଚରଣ କିପରି ?**

ଉ– ନେଉଳର ସ୍ୱାଭାବିକ ଆଚରଣ ଖୁବ୍ ମାର୍ଜିତ ଥିଲା, ଯେଉଁଥିରେ ସ୍ୱୟଂ ଯୁଧିଷ୍ଠିର ମଧ୍ୟ ବିସ୍ମିତ ହୋଇଥିଲେ । ନେଉଳଟି ମଧ୍ୟ ନିର୍ଭୟ ଓ ସତ୍ୟନିଷ୍ଠ ଭାବରେ ରାଜସୂୟ ଯଜ୍ଞ ରାଜକୀୟ ଅଭିମାନ ଓ ଅହଂକାର ଯୋଗୁଁ ବ୍ୟର୍ଥ ହୋଇଛି ବୋଲି, ଯୁଧିଷ୍ଠିରଙ୍କୁ କହିଥିଲା । ଏଥିରୁ ଜଣାପଡ଼େ ନେଉଳଟି ସତ୍ୟନିଷ୍ଠ, ଭୟହୀନ ଓ ମାର୍ଜିତ ବ୍ୟବହାରସମ୍ପନ୍ନ ଥିଲା ।

୩। ଆସ, ତଳେ ଦିଆଯାଇଥିବା, ବାକ୍ୟଗୁଡ଼ିକୁ ସରଳ ଭାଷାରେ ବୁଝାଇ ଲେଖିବା ।

**(କ) ଏ ତ ହସ୍ତିନାବାସୀର କର୍ମଫଳ, ଛାମୁ ।**

ଉ– ଆଲୋଚ୍ୟ ବକ୍ତବ୍ୟଟି ନାଟ୍ୟକାର ମଙ୍ଗୁଳି ଚରଣ ବିଶ୍ୱାଳଙ୍କ 'ସୁନା ନେଉଳ' ଏକାଙ୍କିକାରୁ ଆସିଅଛି । ଏହାକୁ ନାଟ୍ୟକାର ନେଉଳ ମୁହଁରେ ପଞ୍ଚମ ଦୃଶ୍ୟରେ କୁହାଇଛନ୍ତି ।

ରାଜସୂୟ ଯଜ୍ଞ କରିବା ଅବସରରେ ରାଜା ଯୁଧିଷ୍ଠିର ହସ୍ତିନାବାସୀଙ୍କୁ ଯଜ୍ଞାନୁରୂପ ଦାନ ଦେଇଛନ୍ତି । ସବୁ ପ୍ରକାର ଲୋକ ଦାନ ଗ୍ରହଣ କରି ରାଜାଙ୍କ ଉପରେ ସନ୍ତୁଷ୍ଟ ହୋଇ ଆଶୀର୍ବାଦ କରିଛନ୍ତି । ସେହି ଅବସରରେ ରାଜଦ୍ୱାରରେ ପହଞ୍ଚିଛି ନେଉଳ । ନେଉଳଟି ଛାମୁଙ୍କର ଦର୍ଶନପ୍ରାର୍ଥୀ ହୋଇଛି । ନେଉଳ ରାଜାଙ୍କର ଜୟଗାନ କରିଛି । ନେଉଳର ମାର୍ଜିତ ଭାଷାରେ ରାଜା ବିସ୍ମିତ ଓ ମୁଗ୍ଧ ହୋଇଛନ୍ତି । ରାଜାଙ୍କ ବ୍ୟବହାରରେ ସନ୍ତୁଷ୍ଟ ହୋଇ ନେଉଳଟି ମଧ୍ୟ କହିଛି, ଏସବୁ ସମ୍ଭବ ହୋଇଛି, ଜଣେ ହସ୍ତିନାବାସୀଙ୍କ କର୍ମଫଳ ପାଇଁ । ଯୁଧିଷ୍ଠିର ସେହି ହସ୍ତିନାବାସୀଙ୍କ ପରିଚୟ ଜାଣିବାକୁ ଚାହିଁଛନ୍ତି । ନେଉଳଟି ନିର୍ଭୟରେ କହିଛି, ଉଞ୍ଛିବନ୍ତ ନାମକ ଜଣେ ଦରିଦ୍ର ବ୍ରାହ୍ମଣର ପୁଣ୍ୟ ବଳ ପାଇ ସେ ଆଜି ମୂକରୁ ବାଚାଳ ପାଲଟିଛି ଓ ତା' ଶରୀରର ଅର୍ଦ୍ଧାଂଶ ସୁନା ହୋଇଯାଇଛି ।

**(ଖ) ସତ୍ୟ ଅସହ୍ୟ ହେବା ସ୍ୱାଭାବିକ ।**

ଉ– ଆଲୋଚ୍ୟ ବକ୍ତବ୍ୟଟି ନାଟ୍ୟକାର ମଙ୍ଗୁଳୁ ଚରଣ ବିଶ୍ୱାଳଙ୍କ 'ସୁନା ନେଉଳ' ଏକାଙ୍କିକାରୁ ଆସିଅଛି । ଏହାକୁ ନାଟ୍ୟକାର ପଞ୍ଚମ ଦୃଶ୍ୟରେ ଭୀମଙ୍କ କଥାର ଉତ୍ତରରେ ନେଉଳ ମୁହଁରେ କୁହାଇଛନ୍ତି ।

ରାଜସୂୟ ଯଜ୍ଞ ଅବସରରେ ଆଗନ୍ତୁକ ଭାବରେ ନେଉଳଟି ପହଞ୍ଚିଛି ଯୁଧିଷ୍ଠିରଙ୍କ ପାଖରେ । ଯୁଧିଷ୍ଠିରଙ୍କୁ ମର୍ଯ୍ୟାଦା ସହକାରେ ବୁଝାଇ କହିଛି, ଉଞ୍ଛିବନ୍ତ ଦରିଦ୍ର ବ୍ରାହ୍ମଣର ଆତିଥ୍ୟର ତୁଳନା ନାହିଁ । ସେହି ବ୍ରାହ୍ମଣର ପୁଣ୍ୟ ପାଇଁ, ତା'ର ଅର୍ଦ୍ଧେକ ଅଙ୍ଗ ସୁବର୍ଣ୍ଣ ହୋଇଛି । ମାତ୍ର ଏଠାରେ ଅନ୍ୟ ଅର୍ଦ୍ଧେକ ଅଙ୍ଗକୁ ସେ ସୁବର୍ଣ୍ଣ କରିପାରି ନାହିଁ । ସୁତରାଂ ମହାରାଜାଙ୍କ ପୁଣ୍ୟବଳ, ସେହି ଦରିଦ୍ର ବ୍ରାହ୍ମଣର ପୁଣ୍ୟବଳଠାରୁ କଦାପି ମହତ୍ତର ନୁହେଁ । ନେଉଳର ଏଭଳି କଥା ଶୁଣି ଭୀମ ରାଗି ଯାଇଛନ୍ତି । ନେଉଳଟି ସୀମାଲଂଘନ କରୁଛି ବୋଲି କହିଛନ୍ତି । ଭୀମଙ୍କ କଥା ଶୁଣି ନେଉଳ କହିଛି, ଅପ୍ରିୟ ସତ୍ୟ ସବୁବେଳେ ଅସହ୍ୟ ହୋଇଥାଏ । ଏହାକୁ କେହି ସହି ପାରି ନଥା'ନ୍ତି ।

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

୪। ତଳେ ଦିଆଯାଇଥିବା ସଂଳାପ ଗୁଡ଼ିକ ଯେଉଁ ଚରିତ୍ରର, ତାଙ୍କ ନାମ କୋଠରିରୁ ବାଛି ଡାହାଣ ପାଖରେ ଲେଖିବା । (ପ୍ରଶ୍ନ ସହ ଉତ୍ତର)

ନେଉଳ, ଯୁଧିଷ୍ଠିର, ଭିକାରି, ବ୍ରାହ୍ମଣୀ, ଭୀମ

(କ) ଦେଖନ୍ତୁ – ପିଲାଟି କିମିତି କାଉଳିବାଉଳି ହଉଚି ? – ବ୍ରାହ୍ମଣୀ

(ଖ) ମହାରାଜାଙ୍କ ସ୍ୱୀକୃତି ଜଣାଇଦିଅ ? – ଯୁଧିଷ୍ଠିର

(ଗ) ଏ ରାଜକୀୟ ରାଜସୂୟ ଯଜ୍ଞର ଫଳ ନୁହେଁ କ୍ଷତ୍ରିୟ ପ୍ରବର । – ନେଉଳ

(ଘ) ଆପଣ ସୀମା ଲଂଘନ କରୁଛନ୍ତି ଆଗନ୍ତୁକ । – ଭୀମ

(ଙ) ବେଶ୍ ତୃପ୍ତି ଲାଗିଲା ବାବୁ, ଠାକୁରାଣୀ ମା' । – ଭିକାରି

୫। ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦଗୁଡ଼ିକ ଲେଖିବା । (ପ୍ରଶ୍ନ ସହ ଉତ୍ତର)

(କ) ଦୁର୍ଲଭ – ସୁଲଭ

(ଖ) ଦୁର୍ଦ୍ଦିନ – ସୁଦିନ

(ଗ) ନିନ୍ଦା – ପ୍ରଶଂସା

(ଘ) ପ୍ରିୟ – ଅପ୍ରିୟ

(ଙ) ସୁଫଳ – କୁଫଳ

୬। ତଳେ ଦିଆଯାଇଥିବା ସଂଳାପଗୁଡ଼ିକୁ ବହି ଦେଖି କ୍ରମାନ୍ୱୟରେ ପୁଣିଥରେ ଲେଖିବା।

ବ୍ରାହ୍ମଣ : କି ଆଶ୍ଚର୍ଯ୍ୟ। ନେଉଳଟି ସୁନା ପାଲଟି ଗଲାଣି।
ଭିକାରି : ସାନ୍ତାଣି ମାଆ - ବସି ରହିଲି ଯେ....
ଭୀମ : ସେଇ ପୁଣ୍ୟବାନ୍ ଆପଣଙ୍କର କ'ଣ କରିଛି ଆଗନ୍ତୁକ ?
ନେଉଳ : ଜଣେ ଗରିବ ବ୍ରାହ୍ମଣ, ମହାରାଜ।
ଯୁଧିଷ୍ଠିର : ତଥାପି ଆଗନ୍ତୁକ ଆମର ଅତିଥି, ତାଙ୍କର ବକ୍ତବ୍ୟ ସ୍ୱାଗତଯୋଗ୍ୟ।

ଉ- ଭିକାରି : ସାନ୍ତାଣି ମାଆ - ବସି ରହିଲି ଯେ....
ବ୍ରାହ୍ମଣ : କି ଆଶ୍ଚର୍ଯ୍ୟ। ନେଉଳଟି ସୁନା ପାଲଟି ଗଲାଣି।
ଯୁଧିଷ୍ଠିର : ତଥାପି ଆଗନ୍ତୁକ ଆମର ଅତିଥି, ତାଙ୍କର ବକ୍ତବ୍ୟ ସ୍ୱାଗତଯୋଗ୍ୟ।
ନେଉଳ : ଜଣେ ଗରିବ ବ୍ରାହ୍ମଣ, ମହାରାଜ।
ଭୀମ : ସେଇ ପୁଣ୍ୟବାନ୍ ଆପଣଙ୍କର କ'ଣ କରିଛି ଆଗନ୍ତୁକ ?

୭। ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ନେଇ ଆସ ଗୋଟିଏ ଛୋଟ ଅନୁଚ୍ଛେଦ ଲେଖିବା।

ଆଗନ୍ତୁକ, ଅତିଥି, ସ୍ୱାଗତଯୋଗ୍ୟ, ପୁଣ୍ୟବଳ, ସମ୍ବର୍ଦ୍ଧନାଜ୍ଞାପନ, ମହତ୍ତ୍ୱବୋଧ, ବଳୀୟାନ।

ଉ- ଅନେକ ସମୟରେ ଆମମାନଙ୍କ ଘରକୁ ଆଗନ୍ତୁକ ଆସିଥାନ୍ତି। ସେମାନଙ୍କୁ ଆମେ ଅତିଥି ଭାବରେ ମର୍ଯ୍ୟାଦା ଦେଇଥାଉ। ସେମାନେ ଆସିବା ସମୟରେ ଆମ ଘରର ମୁରବିଲୋକ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥା'ନ୍ତି। ସେ ଆମ ଘରେ ରହିବା ସମୟରେ ଯାହାକିଛି ପରାମର୍ଶ ଦିଅନ୍ତି, ତାହାକୁ ଆମେ ସ୍ୱାଗତଯୋଗ୍ୟ ପ୍ରସ୍ତାବ ଭାବରେ ଗ୍ରହଣ କରିଥାଉ। ଆମେ କୌଣସି ସମୟରେ ଭୁଲିଯିବା ଉଚିତ ନୁହେଁ ଯେ, ସମସ୍ତଙ୍କର କିଛି ନା କିଛି ମହତ୍ତ୍ୱବୋଧ ରହିଛି। ଅତିଥି ସେବାଦ୍ୱାରା ପୁଣ୍ୟବଳ ବଢ଼ିଥାଏ। ପୁଣ୍ୟବଳରେ ବଳୀୟାନ୍ ହେଲେ, ଆମ ପରିବାରକୁ ଈଶ୍ୱର ନିଶ୍ଚୟ ସହାୟକ ହେବେ।

୮। 'ବଳୀୟାନ' ପରି ଆଉ ଦୁଇଟି ଶବ୍ଦ କୋଠରି ଭିତରେ ଲେଖିବା, ଯାହାର ଶେଷରେ 'ୟାନ' ଥିବ।

ଉ- ବର୍ଷୀୟାନ୍, ଗରୀୟାନ୍

୯। ତଳେ 'କ' ସ୍ତମ୍ଭ ସହ ସମ୍ପର୍କିତ ଶବ୍ଦ 'ଖ' ସ୍ତମ୍ଭରେ ଦିଆଯାଇଛି ସେହି ସମ୍ପର୍କିତ ଶବ୍ଦଗୁଡ଼ିକୁ ଯୋଡ଼ି ଗୋଟିଏ ଗୋଟିଏ ବାକ୍ୟ ଗଠନ କରିବା।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ବିଶ୍ୱ | ପ୍ରବର |
| ଗଣ୍ଠି | ନିୟନ୍ତା |
| ପରମ | ସିଦ୍ଧ |
| କ୍ଷତ୍ରିୟ | ପବିତ୍ର |
| ପ୍ରକୃତି | ଧନ |

ଉ-

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ବିଶ୍ୱ | ନିୟନ୍ତା |
| ଗଣ୍ଠି | ଧନ |
| ପରମ | ପବିତ୍ର |
| କ୍ଷତ୍ରିୟ | ପ୍ରବର |
| ପ୍ରକୃତି | ସିଦ୍ଧ |

ବାକ୍ୟ: ବିଶ୍ୱନିୟନ୍ତା ସମସ୍ତଙ୍କର ମଙ୍ଗଳ କରନ୍ତି।
କୃଷ୍ଣ ଥିଲେ ଯଶୋଦାଙ୍କର ଗଣ୍ଠିଧନ।
ପରଂବ୍ରହ୍ମ ହେଉଛନ୍ତି ପରମପବିତ୍ର ସତ୍ତା।
ଯୁଦ୍ଧକ୍ଷେତ୍ରର କ୍ଷତ୍ରିୟପ୍ରବରଙ୍କର ବୀରତ୍ୱ ଜଣାଯାଏ।
ଭୀମଭୋଇ ଥିଲେ ଜଣେ ପ୍ରକୃତିସିଦ୍ଧ ପୁରୁଷ।

Odisha Board and NCERT Books
All Books With Solutions
UBS